# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**08th April - 2024**

**News Editor : *Tapan Kumar Maharana***

*************************************

## ମୁଖ୍ୟ ସମ୍ବାଦ

- ନିର୍ବାଚନ ପରିଚାଳନା ସମ୍ପର୍କିତ ବ୍ୟୟର ହିସାବ ରଖିବାପାଇଁ କେନ୍ଦ୍ରୀୟ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ସମୀକ୍ଷା ବୈଠକ ଅନୁଷ୍ଠିତ ।

- ଭାରତର ନିର୍ବାଚନ ଆୟୋଗଙ୍କ ଅନୁମୋଦନକ୍ରମେ ବ୍ରହ୍ମପୁର ଏବଂ ଖୋର୍ଦ୍ଧାରେ ନୂଆ ଆରକ୍ଷୀ ଅଧୀକ୍ଷକ ନିଯୁକ୍ତ ।

- ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଆସନ୍ତା ବୁଧବାରଠାରୁ ସକାଳୁଆ ହେବ ସମ୍ବଲପୁର  ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ।

ଏବଂ

- ଚଳିତ ବର୍ଷର ପ୍ରଥମ ପୂର୍ଣ୍ଣଗ୍ରାସ ସୂର୍ଯ୍ୟପରାଗ ଆଉ କିଛି ସମୟ ପରେ ଆରମ୍ଭ ହେବ ।

*Desk*

# ବ୍ୟୟ ପରିଚାଳନା ସମୀକ୍ଷା ବୈଠକ

ରାଜ୍ୟରେ ସାଧାରଣ ନିର୍ବାଚନ ସହ ବିଧାନସଭା ଲାଗି ନିର୍ବାଚନ ହେଉଥିବାରୁ, ଏହାକୁ ଦୃଷ୍ଟିରେ ରଖି ବ୍ୟୟ ପରିଚାଳନା ପ୍ରସ୍ତୁତି ସମୀକ୍ଷା ହୋଇଛି । ନିର୍ବାଚନରେ ବିଭିନ୍ନ ଦଳୀୟ ପ୍ରାର୍ଥୀମାନଙ୍କ ନିର୍ବାଚନୀ ଖର୍ଚ୍ଚ ଉପରେ କିଭଳି ନଜର ରଖାଯିବ ଓ ସେ ସମ୍ପର୍କିତ ଟିକିନିଖି ତଥ୍ୟ ସଂଗ୍ରହ କରାଯିବ, ସେନେଇ କେନ୍ଦ୍ରୀୟ ଖର୍ଚ୍ଚ ପର୍ଯ୍ୟବେକ୍ଷକ ହିମାଳିନୀ କଶ୍ୟପଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜି ଭୁବନେଶ୍ୱରସ୍ଥିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଶ୍ରୀମତୀ କଶ୍ୟପ' ଆୟକର ଅଧିକାରୀ, ପ୍ରବର୍ତ୍ତନ ବିଭାଗ ଅଧିକାରୀ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗୁଡ଼ିକ ସହ ଆଲୋଚନା କରିଛନ୍ତି । ଏହି ବୈଠକରେ ଦୈନନ୍ଦିନ ଭିତ୍ତିରେ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନଙ୍କ ଖର୍ଚ୍ଚ ଉପରେ କିପରି ନଜର ରଖାଯାଇପାରିବ, ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିବା ଜଣାପଡ଼ିଛି । ଏହି ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ, ଚଳିତ ନିର୍ବାଚନରେ ନିର୍ବାଚନ ଆୟୋଗଙ୍କଦ୍ୱାରା ସ୍ଥିରିକୃତ ଖର୍ଚ୍ଚ ସୀମାକୁ ଦୃଢ଼ଭାବେ ପାଳନ କରିବା ଲାଗି ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ଏଥିଲାଗି ଉଭୟ ଲୋକସଭା ଏବଂ ବିଧାନସଭା ନିର୍ବାଚନ ନିମନ୍ତେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କ ବ୍ୟତୀତ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତ କରାଯାଇଛି ।

*Desk*

# ନୂଆ ଏସ୍.ପି. ନିଯୁକ୍ତି

ଭାରତର ନିର୍ବାଚନ ଆୟୋଗଙ୍କ ଅନୁମୋଦନ ପରେ ରାଜ୍ୟ ସରକାର ବ୍ରହ୍ମପୁର ଏବଂ ଖୋର୍ଦ୍ଧାରେ ନୂଆ ଆରକ୍ଷୀ ଅଧୀକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି । ବ୍ରହ୍ମପୁରର ଆରକ୍ଷୀ ଅଧୀକ୍ଷକ ଭାବେ ଡକ୍ଟର ସାର୍ଥକ ଷଡ଼ଙ୍ଗୀଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ଖୋର୍ଦ୍ଧାରେ ଅଶ୍ୱିନୀ କୁମାରଙ୍କୁ ନୂଆ ଏସ୍.ପି. ଭାବେ ନିଯୁକ୍ତି ଦିଆଯାଇଛି । ଉଭୟ ୨୦୦୭ ବ୍ୟାଚ୍‌ର ଆଇ.ପି.ଏସ୍. କ୍ୟାଡର୍‌ର ଅଧିକାରୀ ।

ସୂଚନାଯୋଗ୍ୟ, ଚଳିତ ମାସ ୨ ତାରିଖରେ ନିର୍ବାଚନ କମିଶନ ଓଡ଼ିଶାର ୮ ଜଣ ଭାରତୀୟ ପ୍ରଶାସନିକ ଓ ପୁଲିସ୍ ଅଧିକାରୀଙ୍କୁ ବଦଳି କରିବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ କଟକ ଓ ଜଗତ୍‌ସିଂହପୁରର ଜିଲ୍ଲାପାଳ, ଅନୁଗୁଳ, ବ୍ରହ୍ମପୁର, ସୁନ୍ଦରଗଡ଼, ଖୋର୍ଦ୍ଧା ଓ ରାଉରକେଲାର ଏସ୍.ପି. ଏବଂ କେନ୍ଦ୍ରାଞ୍ଚଳ ଆଇ.ଜି.ଙ୍କୁ ନିର୍ବାଚନ ସହ ଜଡ଼ିତ ନ ଥିବା ସ୍ଥାନକୁ ବଦଳି କରିବାକୁ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଥିଲେ ।

*Desk*

# ମିଥ୍ ଆଣ୍ଡ୍ ରିଅଲିଟି ପ୍ଲାଟ୍‌ଫର୍ମ

୨୦୨୪ ସାଧାରଣ ନିର୍ବାଚନ ସମୟରେ ମିଥ୍ୟା ପ୍ରଚାର ରୋକିବାପାଇଁ ନିର୍ବାଚନ କମିଶନ୍ 'ମିଥ୍ ଆଣ୍ଡ୍ ରିଅଲିଟି' ନାମକ ଏକ ପ୍ଲାଟ୍‌ଫର୍ମ ଆରମ୍ଭ

କରିଛନ୍ତି । ଏହା ନିର୍ବାଚନ କମିଶନ୍‌ଙ୍କ ସରକାରୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉଛି । ଏଥିରେ ସୂଚନା ନିଶ୍ଚିତ କରିବା, ଭୁଲ୍ ସୂଚନା ଓ ମିଥ୍ୟା ପ୍ରଚାରକୁ ରୋକିବା ଏବଂ ସାଧାରଣ ନିର୍ବାଚନ ସମୟରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟରେ ସୂଚନା ମିଳିପାରିବ । ଆୟୋଗଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ପ୍ଲାଟ୍‌ଫର୍ମରେ ବିଭିନ୍ନ ବିଷୟ ଉପରେ ପ୍ରଶ୍ନୋତ୍ତରୀ ଏବଂ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ରହିଛି । ଏହି ପ୍ଲାଟ୍‌ଫର୍ମରେ ଥିବା ସୂଚନା ନିୟମିତ ଭାବେ ଅପ୍‌ଡେଟ୍ କରାଯିବ ବୋଲି ଆୟୋଗ କହିଛନ୍ତି ।

***Desk***

# ଯୁବ ଭୋଟର୍

ଆଗାମୀ ସାଧାରଣ ନିର୍ବାଚନରେ ଅଧିକରୁ ଅଧିକ ଯୁବ ଭୋଟରଙ୍କୁ ମତଦାନ କରିବା ଲାଗି ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଅନେକ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଉଛି। ମିଳିଥିବା ସୂଚନା ଅନୁସାରେ, ଟର୍ଣ୍ଣିଂ ଏଇଟିନ୍ ଏବଂ ଆପଣ ହିଁ ଏକ କାର୍ଯ୍ୟକ୍ରମ ଜରିଆରେ କମିଶନ ଯୁବ ଭୋଟରମାନଙ୍କୁ ଆକୃଷ୍ଟ କରୁଛି। ସାମାଜିକ ଗଣମାଧ୍ୟମ, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ, ୟୁଟ୍ୟୁବ୍ ଜରିଆରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯାଉଛି।

*Desk*

# ସମ୍ବଲପୁର ବିଶ୍ୱବିଦ୍ୟାଳୟ

ଯୁବ ପ୍ରତିଭା ଓ ସଂଶାଧନକୁ ଅଧିକରୁ ଅଧିକ ବ୍ୟବହାର କରି ଭାରତକୁ ବିଶ୍ୱ ଅର୍ଥନୀତିରେ ଶୀର୍ଷ ସ୍ତରରେ ପହଁଞ୍ଚାଇବା ପାଇଁ ଛାତ୍ର ଶକ୍ତିକୁ ରାଜ୍ୟପାଳ ରଘୁବର ଦାସ ଆହ୍ୱାନ ଦେଇଛନ୍ତି । ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୩ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ଛାତ୍ର ଜୀବନର ଅଭ୍ୟାସ ସାରା ଜୀବନ ରହିଥାଏ। ଛାତ୍ରଛାତ୍ରୀମାନେ ଅନୁଶାସନରେ ରହିବା ଓ ଶିଖିବା ଦରକାର। ସମୃଦ୍ଧ ଇତିହାସ ଓ ପ୍ରାଚୀନ ଜ୍ଞାନକୁ ନେଇ ଜାତୀୟ ଶିକ୍ଷାନୀତି -୨୦୨୦ ପ୍ରସ୍ତୁତ କରାଯାଇଛି ବୋଲି ରାଜ୍ୟପାଳ ନିଜ ବକ୍ତବ୍ୟରେ କହିଛନ୍ତି। ଏହି ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ ୨ଜଣଙ୍କୁ ଡିଲିଟ୍, ୭୮ଜଣଙ୍କୁ ପିଏଚଡି ଡିଗ୍ରୀ ଓ ୫୬ ଜଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ସି.ଏସ୍.ଆଇ.ଆର୍-ଆଇ.ଏମ୍.ଏମ୍.ଟି.ର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ ସମ୍ମାନୀତ ଅତିଥି ଓ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ମୁଖ୍ୟ ବକ୍ତାଭାବରେ ଯୋଗ ଦେଇଥିଲେ।

*Desk*

# ପୁସ୍ତକ କଳାବଜାରୀ

ରାଷ୍ଟ୍ରୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ - ଏନ୍.ସି.ଇ.ଆର୍.ଟି ପକ୍ଷରୁ ଅନ୍‌ଲାଇନ୍‌ରେ ଉପଲବ୍ଧ ବିଭିନ୍ନ ଶ୍ରେଣୀର ପାଠ୍ୟପୁସ୍ତକ ଗୁଡ଼ିକୁ ଅସାଧୁ ଉପାୟରେ ମୁଦ୍ରଣ କରି କେତେକ ପ୍ରକାଶକ ବିକ୍ରୟ କରୁଥିବା ନଜରକୁ ଆସିଛି ବୋଲି ଏନ୍‌ସିଇଆର୍‌ଟି କର୍ତ୍ତୃପକ୍ଷ କହିଛନ୍ତି । ଏହି ପାଠ୍ୟପୁସ୍ତକ ଗୁଡ଼ିକୁ ଏନ୍‌ସିଇଆର୍‌ଟି ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ କରି ପୁସ୍ତକ ପ୍ରକାଶନ କରି ବିକ୍ରି କରାଯାଉଥିବାରୁ ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ କପିରାଇଟ୍ ଆଇନ୍-୧୯୫୭ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏନ୍‌ସିଇଆର୍‌ଟି କର୍ତ୍ତୃପକ୍ଷ କହିଛନ୍ତି । ଯଦି କୌଣସି ବ୍ୟକ୍ତି କିମ୍ବା ଛାତ୍ରଛାତ୍ରୀ ଏପରି ଅସାଧୁ ଉପାୟରେ ପ୍ରସ୍ତୁତ ପୁସ୍ତକର ସନ୍ଧାନ ପାଇଥାନ୍ତି ତେବେ ଏନ୍‌ସିଇଆର୍‌ଟି କର୍ତ୍ତୃପକ୍ଷଙ୍କୁ ଜଣାଇବା ପାଇଁ ଅନୁରୋଧ କରାଯାଇଛି ।

*Sambalpur/R*

# କାର୍ଯ୍ୟାଳୟ ସକାଳୁଆ - ସମ୍ବଲପୁର

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲ୍ଲାରେ ଥିବା ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ଆସନ୍ତା ବୁଧବାର ସକାଳ ୭ଟାରୁ ଅପରାହ୍ଣ

ଗୋଟାଏ ପର୍ଯ୍ୟନ୍ତ କାର୍ଯ୍ୟ କରିବ । ଏନେଇ ଆଜି ସମ୍ବଲପୁର ଜିଲ୍ଲାପାଳ ଅଗ୍ରୱାଲ୍ ଅକ୍ଷୟ ସୁନିଲ୍ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହି ସମୟ ମଧ୍ୟରେ କୌଣସି ବିରତି ରହିବ ନାହିଁ ବୋଲି କୁହାଯାଇଛି ।

***Desk***

## ସକାଳୁଆ କୋର୍ଟ

ରାଜ୍ୟର ସବୁ ଜିଲ୍ଲାସ୍ତରୀୟ ଏବଂ ନିମ୍ନ ଅଦାଲତଗୁଡ଼ିକ ଆଜିଠାରୁ ସକାଳୁଆ କାର୍ଯ୍ୟ ଆରମ୍ଭ ହୋଇଛି । ପୂର୍ବାହ୍ନ ୭ଟାରୁ କୋର୍ଟ କାର୍ଯ୍ୟାଳୟ ଗୁଡ଼ିକ ଖୋଲିଛି । ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ ସଦର ଏବଂ ପୁରୀ ସଦର ଅଦାଲତ ବ୍ୟତୀତ ଅନ୍ୟ ସବୁ କୋର୍ଟର କାର୍ଯ୍ୟ ସକାଳ ସାଢ଼େ ୭ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ଚାଲିବ । ଅନ୍ୟ କୋର୍ଟ ଗୁଡ଼ିକର କାର୍ଯ୍ୟ ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ଚାଲିବ । ସକାଳ ୧୦ଟାରୁ ଅଧଘଣ୍ଟାଏ ପାଇଁ ବିରତି ରହିବ ବୋଲି ଓଡ଼ିଶା ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ପକ୍ଷରୁ କୁହାଯାଇଛି ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ - ସଂସ୍କୃତ ବିଭାଗ

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ଆଧୁନିକ ପରିପ୍ରେକ୍ଷୀରେ ପ୍ରାଚୀନ ଭାରତୀୟ ସାହିତ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଶୀର୍ଷକ ତିନିଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି । ଆସନ୍ତା ବୁଧବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଦେଶର ବିଭିନ୍ନ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକର ପ୍ରତିନିଧି, ଅଧ୍ୟାପକ ଓ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି । ଓଡ଼ିଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର କୁଳପତି ପ୍ରଫେସର ଶ୍ରୀନିବାସ ବାରାଖେଡ଼ି, ତିରୁପତି ସ୍ଥିତ ଜାତୀୟ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜି.ଏସ୍.ଆର୍. କ୍ରିଷ୍ଣାମୂର୍ତ୍ତି, ରାମ୍‌ଟେକ୍‌ସ୍ଥିତ କବିକୁଳଗୁରୁ କାଳିଦାସ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରେରାମ ତ୍ରିପାଠୀ ଏବଂ ବିହାରର କାମେଶ୍ୱର ସିଂହ ଦରଭଙ୍ଗା ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଲକ୍ଷ୍ମୀନିବାସ ପାଣ୍ଡେ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଛନ୍ତି ।

*HS*

# ଆଇ.ଏ.ଏସ୍. ପରିଦର୍ଶନ

ଭାରତୀୟ ପ୍ରଶାସନିକ ସେବାର ୬ ଜଣ ଶିକ୍ଷାନବୀଶ ଆଜି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପରିଦର୍ଶନ କରିଛନ୍ତି । ଏହି ଶିକ୍ଷାନବୀଶମାନେ ଲୋକସେବା ଭବନରେ ଥିବା ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି । ଏଥିରେ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା ଓ ଏହାର କାର୍ଯ୍ୟାନ୍ୱୟନ ନେଇ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି ।

*Desk*

# ଅଶ୍ଳୀଳ ଖବର ବ୍ୟାନ୍

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ୧୮ଟି ଓଟିଟି ପ୍ଲାଟଫର୍ମ, ୧୯ଟି ୱେବସାଇଟ୍, ୧୦ଟି ମୋବାଇଲ୍ ଆପ୍ ଏବଂ ୫୭ଟି ସାମାଜିକ ଗଣମାଧ୍ୟମ ଆକାଉଣ୍ଟକୁ ନିଷିଦ୍ଧ କରାଯାଇଛି। ଅଶ୍ଳୀଳତା ଏବଂ ଅନୈତିକତା ଉପରେ ଆଧାରିତ ଏହିସବୁ ଗଣମାଧ୍ୟମ ଗୁଡ଼ିକର ପ୍ରସାରଣ ଉପରେ ମନ୍ତ୍ରଣାଳୟ ତରଫରୁ ରୋକ୍ ଲଗାଯାଇଛି।

*Desk*

# ସୂର୍ଯ୍ୟୋପରାଗ

ଚଳିତ ବର୍ଷର ପ୍ରଥମ ସୂର୍ଯ୍ୟୋପରାଗ ଆଜି ଦୃଶ୍ୟମାନ ହେବ । ଏହା ଏକ ପୂର୍ଣ୍ଣଗ୍ରାସ ସୂର୍ଯ୍ୟୋପରାଗ ହୋଇଥିବାରୁ ଜ୍ୟୋତିର୍ବିଜ୍ଞାନୀମାନଙ୍କ ମତରେ ଏହି ସୂର୍ଯ୍ୟୋପରାଗ ଅତ୍ୟନ୍ତ ସୁନ୍ଦର ଏବଂ ବିରଳ ହେବ । ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା ଏବଂ ମେକ୍ସିକୋର କେତେକ ଅଞ୍ଚଳରେ ପୂର୍ଣ୍ଣ ସୂର୍ଯ୍ୟୋପରାଗ ଦେଖାଯିବ । ଭାରତୀୟ ସମୟ ଆଜି ରାତି ୯ଟା ୧୨ ମିନିଟ୍‌ରେ ସୂର୍ଯ୍ୟୋପରାଗ ଆରମ୍ଭ ହୋଇ ମଧ୍ୟରାତ୍ରି ୨ଟା ୨୨ ମିନିଟ୍‌ରେ ଶେଷ ହେବ । ସର୍ବାଧିକ ପରାଗ ରାତି ୧୧ଟା ୪୭ ମିନିଟ୍ ସମୟରେ ଦୃଶ୍ୟମାନ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀମାନେ ଅନୁମାନ କରିଛନ୍ତି ।

*Desk*

# ମେଡିକାଲ୍ କଲେଜ - ପି.ଜି. ସିଟ୍

ରାଜ୍ୟର ୪ଟି ସରକାରୀ ମେଡ଼ିକାଲ କଲେଜ କୋରାପୁଟ, ବଲାଙ୍ଗୀର, ବାରିପଦା ଏବଂ ବାଲେଶ୍ୱରରେ ସ୍ନାତକୋତ୍ତର, ପିଜି ପାଠ୍ୟକ୍ରମ ଆରମ୍ଭ ହେବ । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ପିଜି ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଜାତୀୟ ମେଡ଼ିକାଲ କମିଶନଙ୍କ ଅନୁମତି ଲୋଡାଯାଇଛି । ଏହି ୪

ମେଡ଼ିକାଲ କଲେଜର ଅଧ୍ୟାପକ ସ୍ଥିତି ଓ ଅନୁଧ୍ୟାନ କରାଯାଇ ପିଜି ସିଟ୍ ସଂଖ୍ୟା ସ୍ଥିର କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି ।

*Met. O.*

## ପାଣିପାଗ

କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ଦିନ ତାପମାତ୍ରା ୨ରୁ ୫ ଡିଗ୍ରୀ ହ୍ରାସ ପାଇଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, ନୟାଗଡ଼, ଗଞ୍ଜାମ, ଗଜପତି, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର ଜିଲ୍ଲା ସହିତ ରାଜ୍ୟର ଅନ୍ୟ କେତେକ ସ୍ଥାନରେ ଝଡ଼ତୋଫାନ, ବର୍ଷା ଓ ବଜ୍ରପାତର ସମ୍ଭାବନା ଅଛି । କାଳବୈଶାଖୀ ଯୋଗୁଁ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଯାଇଛି। ଢେଙ୍କାନାଳରେ ସର୍ବାଧିକ ୯୧ ମିଲିମିଟର ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି । ଗତକାଲି ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ୪୧ ଦଶମିକ ୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆଜି ସକାଳୁ ପାଗ ମେଘୁଆ ରହିଛି ଏବଂ କେତେକ ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇଯାଇଛି ।

*****